
FAKIR MOHAN COLLEGE


CELEBRATING
75 YEARS
OF EXCELLENCE
Fakir Mohan College, Balasore
Platinum Jubilee
Release of Commemorative Postage Stamp &
Celebration of Foundation Day of Fakir Mohan College
Venue: Heritage Hall
PRINCIPAL
GUEST OF HONOUR
GUEST OF HONOUR
CHIEF GUEST


CELEBRATING
75 YEARS
OF EXCELLENCE
(1944-2019)
Fakir Mohan College, Balasore
Platinum Jubilee
Release of Commemorative Postage Stamp &
Celebration of Foundation Day of Fakir Mohan College


CELEBRATING
75
OF EXCELLENCE
(1944-2019)
Fakir Mohan College, Balasore
Platinum Jubilee
Date: 06-07-2019


n College, Balasore
m Jubilee
norative Postage Stamp &
n Day of Fakir Mohan College
| Venue: Heritage Hall


भारत INDIA 500
फकीर मोहन कॉलेज, बालासोर
Fakir Mohan College, Balasore
2019

## ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ହୀରକୋତ୍ତର ଜୟନ୍ତୀ

# ଚାକିରି ପଛରେ ନଗୋଡ଼ାଇ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ପ୍ରତି ଆଗ୍ରହୀ ହେବା ଉଚିତ



ବାଲେଶ୍ୱର,୬।୭ (ସପ୍ର): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ୭୫ତମ ହୀରକୋତ୍ତର ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଶ୍ରୀମୟ ଦାସ ଅଧିକାରୀଙ୍କ ପୌରୋହିତ୍ୟରେ ମହାବିଦ୍ୟାଳୟର ହେରିଟେଜ ହଲ୍‌ରେ ପ୍ଲାଟିନମ ଜୟନ୍ତୀ ମହା ସମାରୋହ ଅବସରରେ ଐତିହାସିକ ପଦକ୍ଷେପ ସ୍ୱରୂପ ଭାରତ ସରକାରଙ୍କ ଡାକ ବିଭାଗ ଦ୍ୱାରା ମହାବିଦ୍ୟାଳୟ ନାଁରେ ଏକ ଡାକ ଟିକଟ ଉନ୍ମୋଚିତ ହୋଇଥିଲା। ସମଗ୍ର ଓଡ଼ିଶାରେ ଏହି ସ୍ମାରକୀ ଡାକ ଟିକଟରେ ସ୍ଥାନ ପାଇବାରେ ଏହି ମହାବିଦ୍ୟାଳୟ ସମୟାନୁକ୍ରମରେ ତୃତୀୟ ଅନୁଷ୍ଠାନ। ପ୍ରଥମରେ ରେଭେନ୍ସା ବିଶ୍ୱ ବିଦ୍ୟାଳୟ ଓ ଦ୍ୱିତୀୟ ଉତ୍କଳ ବିଶ୍ୱବିଦ୍ୟାଳୟ ଏହି ଗୌରବର ଅଧିକାରୀ ରହିଛି। ଏହି ଐତିହାସିକ ଦିବସରେ ମହାବିଦ୍ୟାଳୟର ପତାକା, ମହାବିଦ୍ୟାଳୟର ସଙ୍ଗୀତ ଓ କଲେଜ ନାମରେ ଡାକ ଟିକଟ ଉନ୍ମୋଚିତ ହେବା ବାଲେଶ୍ୱରବାସୀଙ୍କୁ ଉତ୍ସାହିତ କରିଥିଲା।

ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ମନ୍ତ୍ରୀ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଚିରାଚରିତ ଢଙ୍ଗରେ ସଂସ୍କୃତ ଶ୍ଳୋକ ଓ ଭାରତ ମାତାକି ଜୟରୁ ଭାଷଣ ଆରମ୍ଭ କରିଥିଲେ। ନିଜେ ଏହି କଲେଜର ଜଣେ ଛାତ୍ର ଥିବା ଯୋଗୁଁ ଗର୍ବିତ ଥିବା ଷଡ଼ଙ୍ଗୀ କହିଥିଲେ ଯେ ୭୫ ବର୍ଷର ସ୍ମରଣୀୟ ଇତିହାସ ପାଇଁ ଆମେ ଗର୍ବିତ। ଯେଉଁମାନଙ୍କ ଉଦ୍ୟମ ଯୋଗୁଁ ଏହି ମହାବିଦ୍ୟାଳୟ ପ୍ରତିଷ୍ଠିତ ସେମାନଙ୍କ ପାଖରେ ମଧ୍ୟ ଋଣୀ। ସେ କହିଥିଲେ ଯେ ମୁଁ ଅହଂକାରୀ। ଅହଂକାରୀ ନିଜ ପାଇଁ ନୁହେଁ, ନିଜର ପୂର୍ବଜ ମାନଙ୍କ ପାଇଁ, କଥା ସମ୍ରାଟ ଫକୀରମୋହନଙ୍କ ପାଇଁ ମୁଁ ଅହଂକାରୀ। ନୀଳଗିରି ପ୍ରଜା ଆନ୍ଦୋଳନକାରୀଙ୍କ ମୁଁ ଅହଂକାରୀ। ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନିଜ ଭିତରେ ରାଷ୍ଟ୍ରୀୟ ଭାବନା ଜାଗ୍ରତ କରିବା ପାଇଁ ଆହ୍ୱାନ ଦେଇଥିଲେ। କେବଳ ଚାକିରି ପଛରେ ନଗୋଡ଼ାଇ କ୍ଷୁଦ୍ର ଶିଳ୍ପ କରିବାକୁ ସେ ବିଦ୍ୟାର୍ଥୀମାନଙ୍କୁ ପରାମର୍ଶ ଦେଇଥିଲେ।

ସମ୍ମାନିତ ଅତିଥି ଭାବେ ସଦର ବିଧାୟକ ମଦନମୋହନ ଦତ୍ତ, ଏଫଏମ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମଧୁମିତା ଦାସ ଓ ଭାରତ ସରକାରଙ୍କ ଡାକ ବିଭାଗର ସଚିବ ତଥା ଡାକ ସେବା ମଣ୍ଡଳର ସଭାପତି ଅନନ୍ତ ନାରାୟଣ ନନ୍ଦ, ଡାକ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ବିଶ୍ୱପାବନ ପତି ଓ ବିଭାଗର ମୁଖ୍ୟ ମହାଡାକପାଳ ଡ. ସନ୍ତୋଷ କୁମାର କମିଲା ପ୍ରମୁଖ ଯୋଗ ଦେଇଥିଲେ। ଐତିହ୍ୟ କକ୍ଷରେ ଏକ ସ୍ମାରକୀ ଫଳକ ମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସଭାରେ ମଞ୍ଚ ପରିଚାଳନା କରିଥିଲେ ଡ. ଗୀତାଶ୍ରୀ ରାୟ। ଅଧ୍ୟାପିକା ନୈପଦା ସୁନିତା ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଅଧ୍ୟାପିକା ମୌସୁମୀ ଦାସ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଉତ୍ସବରେ ପୁରାତନ ଛାତ୍ର ସଂସଦର ସଭାପତି ଓ ଅନ୍ୟାନ୍ୟ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ। ଉତ୍ସବରେ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ। କଲେଜ ପକ୍ଷରୁ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଏଫ୍‌ଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟର ୭୫ତମ ପ୍ରତିଷ୍ଠା ଦିବସ

# 'ଇଂରାଜୀ ଭାଷାର ଦାସ ନହୁଅନ୍ତୁ ଛାତ୍ରଛାତ୍ରୀ'



ବାଲେଶ୍ୱର,୬।୭(ସ୍ୱ.ପ୍ର): ସ୍ୱତନ୍ତ୍ର ଓଡ଼ିଆ ପ୍ରଦେଶ ଗଠନ ପରିକଳ୍ପନା ପ୍ରଥମେ ବାଲେଶ୍ୱର ମାଟିରୁ ହିଁ ସୃଷ୍ଟି ହୋଇଥିଲା। ବାଲେଶ୍ୱର ମାଟିର ପୁଅ କଥା ସମ୍ରାଟ୍ ଫକୀରମୋହନ ଓଡ଼ିଆ ଭାଷାରେ ଲେଖନୀ ଚାଳନା କରି ପରିଚୟ ହରାଇଥିବା ଓଡ଼ିଆକୁ ଏକତା ସୂତ୍ରରେ ବାନ୍ଧି ରଖିଥିଲେ। ଫଳସ୍ୱରୂପ ଆରମ୍ଭ ହୋଇଥିଲା ସ୍ୱତନ୍ତ୍ର ଭାଷା ଆନ୍ଦୋଳନ। ଫକୀରମୋହନଙ୍କ ଭଳି ଅନ୍ୟ ବରପୁତ୍ରମାନେ ଲେଖନୀ ଚାଳନା କରି ଓଡ଼ିଆ ଭାଷାକୁ ସ୍ୱତନ୍ତ୍ର ପରିଚୟ ଦେବାରେ ସଫଳ ହୋଇଥିଲେ। ତାଙ୍କରି ଦାୟାଦ ହୋଇ ଏବେକାର ଛାତ୍ରଛାତ୍ରୀ ଓଡ଼ିଆ ଭାଷାକୁ ଭୁଲିବାକୁ ଲାଗିଲେଣି। ମାତୃଭାଷା ପରିବର୍ତ୍ତେ ଇଂରାଜୀ ଭାଷାକୁ ସେମାନେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଜ୍ଞାନ ଆହରଣ ପାଇଁ ସବୁ ଭାଷା ଜାଣିବା ଜରୁରି। ଇଂରାଜୀ ବି ସେଥିରୁ ବାଦ୍ ପଡ଼ିବା ଅନୁଚିତ୍। ମାତ୍ର ସେହି ଭାଷା ନିକଟରେ ଦାସତ୍ୱ ଗ୍ରହଣ କରନ୍ତୁ ନି। ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ୭୫ତମ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତ ସରକାରଙ୍କ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଦୁଗ୍ଧ ଉତ୍ପାଦନ ଓ ପଶୁପାଳନ ବିଭାଗର ରାଷ୍ଟ୍ର ମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି।

ମହାବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀମୟ ଦାସ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଶ୍ରୀ ଷଡ଼ଙ୍ଗୀ ଛାତ୍ରଛାତ୍ରୀଙ୍କୁ ଏକତା ସୂତ୍ରରେ ବାନ୍ଧି ରହିବାକୁ ପରାମର୍ଶ ଦେଇଥିଲେ। ନିଜେ ଏହି ମହାବିଦ୍ୟାଳୟରେ ଛାତ୍ର ଥିବାରୁ ଅତୀତର ସ୍ମୃତି ରୋମନ୍ଥନ କରିଥିଲେ। ଏହି ଅବସରରେ ସେ ସ୍ମାରକୀ ଡାକ ଟିକେଟ୍‌କୁ ଉନ୍ମୋଚନ କରିଥିଲେ।

ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ସଦର ବିଧାୟକ ମଦନମୋହନ ଦତ୍ତ, ଭାରତ ସରକାରଙ୍କ ଡାକ ବିଭାଗର ସଚିବ ଅନନ୍ତ ନାରାୟଣ ନନ୍ଦ, ଡାକ ବିଭାଗର ଅତିରିକ୍ତ ମହାନିର୍ଦ୍ଦେଶକ ବିଶ୍ୱପାବନ ପତି, ରାଜ୍ୟ ମୁଖ୍ୟ ଡାକପାଳ ଡ. ସନ୍ତୋଷ କୁମାର କାମିଲା, ଏଫଏମ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ମଧୁମିତା ଦାସ ଯୋଗଦେଇ ଫକୀରମୋହନଙ୍କ ନାମରେ ଡାକ ଟିକଟ୍ ପ୍ରଚଳିତ ହେବା ଏକ ଐତିହାସିକ

**ଉନ୍ମୋଚନ ହେଲା ଡାକ ଟିକେଟ୍**

ପଦକ୍ଷେପ ବୋଲି ନିଜ ନିଜ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଏକ ପତାକା ଓ ସଙ୍ଗୀତ ମଧ୍ୟ ଉନ୍ମୋଚନ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଶ୍ରୀ ଷଡ଼ଙ୍ଗୀ ଶ୍ରୀ ନନ୍ଦ ଓ ଶ୍ରୀ କାମିଲାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଡ. ଗୀତାଶ୍ରୀ ରାୟ କାର୍ଯ୍ୟକ୍ରମର ଉଦ୍‌ଘୋଷକ ଥିବାବେଳେ ଏନ୍ ସୁନିତା ଅତିଥି ପରିଚୟ ପ୍ରଦାନ କରିଥିଲେ। ମୌସୁମୀ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ଡ. ବିରଜା ଶଙ୍କର ରଥ, ସୁରେଶ ଚନ୍ଦ୍ର ନାୟକ, ଡ. ସୁବ୍ରତ କୁମାର ରଣା, ଅଭିଜିତ୍ ଦାସ, ଫିରୋଜ କୁମାର ପାଢ଼ୀ, ପ୍ରଭାତ କୁମାର ତରାଇ, ରବୀନ୍ଦ୍ର କୁମାର ତରାଇ ପ୍ରମୁଖ ସହଯୋଗ କରିଥିଲେ।